## ସଂକ୍ଷେପରେ

### ଶିଶୁଙ୍କୁ ଅପହରଣ ଅଭିଯୋଗ

ବ୍ରହ୍ମପୁର,୨୪।୯ (ସୁବାସ ଚନ୍ଦ୍ର ପାଢ଼ୀ)

ବୈଦ୍ୟନାଥପୁର ଥାନା ଟାଟାବେଞ୍ଚ ଛକ ନିକଟ ଗିରିରୋଡଠାରୁ ଜଣେ ଶିଶୁଙ୍କୁ ଅପହରଣ କରାଯାଇଥିବା ଅଭିଯୋଗ ହୋଇଛି। ତେବେ ଅପହରଣର କିଛି ଘଣ୍ଟା ପରେ ଅପହରଣକାରୀ ପୁଣିଥରେ ଶିଶୁଟିକୁ ସେହି ସ୍ଥାନରେ ଛାଡି ଦେଇଥିବା ଜଣାପଡିଛି । ପ୍ରକାଶ ଯେ, ଗୀତାଭବନ ପାଖରେ ରହୁଥିବା ଏହି ୭ ବର୍ଷର ଶିଶୁଙ୍କୁ ମଙ୍ଗଳବାର ସନ୍ଧ୍ୟାରେ କେତେଜଣ ଯୁବକ ଅପହରଣ କରି ନେଇଥିଲେ । ହେଲେ ଏହାର କିଛି ଘଣ୍ଟା ପରେ ଶିଶୁଟିକୁ ଆଣି ପୁଣି ସେଠାରେ ଛାଡି ଦେଇଥିଲେ । ଅପହରଣକାରୀଙ୍କ କବଳରୁ ଫେରିବା ପରେ ଶିଶୁଟି ଘରେ ଘଟଣା ସମ୍ପର୍କରେ କହିବାରୁ ପରିବାର ଲୋକେ ଥାନାକୁ ଯାଇ ଅଭିଯୋଗ କରିଥିବା ଜଣାପଡିଛି ।

### ହୋଟେଲ ଓ ରେଷ୍ଟୁରାଣ୍ଟରେ ଚଢାଉ,ଜରିମାନା ଆଦାୟ

ବ୍ରହ୍ମପୁର,୨୪।୯(ସ୍ମୃତି ରଞ୍ଜନ ମହାଲିକ)

ବ୍ରହ୍ମପୁର ମହାନଗର ନିଗମ (ବିଇଏମ୍‌ସି) ଖାଦ୍ୟ ନିରାପତ୍ତା ବିଭାଗ ପକ୍ଷରୁ ମଙ୍ଗଳବାର ସହରର ବଡ ବଡ ହୋଟେଲ ଓ ରେଷ୍ଟୁରାଣ୍ଟରେ ଚଢାଉ କରାଯାଇଛି। ଅସ୍ୱାସ୍ଥ୍ୟକର ପରିବେଶରେ ଖାଦ୍ୟ ପରଷିବା ଓ ଅସ୍ୱାସ୍ଥ୍ୟକର ଖାଦ୍ୟ ଗ୍ରାହକଙ୍କୁ ଦେବା ଅଭିଯୋଗରେ ବିଭାଗ ଚଢାଉ କରି ୧ଲକ୍ଷ ୧୦ ହଜାର ଜରିମାନା ଆଦାୟ କରିଛି। ଖାଦ୍ୟ ନିରାପତ୍ତା ଅଧିକାରୀ ସ୍ମିତା ଖାଡଙ୍ଗାଙ୍କ ନେତୃତ୍ୱରେ ଏକ ଟିମ ଚଢାଉ କରିଥିଲେ। ସହରର ଗିରିଜା ରେଷ୍ଟୁରାଣ୍ଟ, ଭୂପତି, ଶ୍ରୀଦୁର୍ଗା ଓ ପିଢା ହୋଟେଲ ଆଦିରେ ଚଢାଉ ହୋଇଥିଲା। ଚଢାଉ ସମୟରେ ହୋଟେଲ ଗୁଡିକରେ ଖାଦ୍ୟ ପରଷୁ ଥିବା ସ୍ଥାନରେ ପାଣି ଜମି ରହିବା ସହ ଅପରିଷ୍କାର ଦେଖିବାକୁ ମିଳିଥିଲା। ଗ୍ରାହକଙ୍କୁ ଖାଦ୍ୟ ଦେଉଥିବା କର୍ମଚାରୀମାନେ ପରିଷ୍କାର ପରିଛନ୍ନ ନ ଥିବାରୁ ବିଭାଗ ପକ୍ଷରୁ ତାଗିଦ କରାଯାଇଥିଲା। ୧୦ ଦିନ ମଧ୍ୟରେ ସ୍ୱାସ୍ଥ୍ୟକର ଖାଦ୍ୟ ସହ ପରିଷ୍କାର ପରିଛନ୍ନତା ଓ ଅନ୍ୟାନ୍ୟ ନିୟମ ଅନୁକରଣ ପାଇଁ ନୋଟିସ ଜାରି କରାଯାଇଥିଲା। ନିୟମ ନ ମାନିଲେ ହୋଟେଲ ଓ ରେଷ୍ଟୁରାଣ୍ଟ ବନ୍ଦ କରାଯିବ ବୋଲି ବିଭାଗୀୟ ଅଧିକାରୀ କହିଛନ୍ତି।

### ସାହାଣୀ କପ୍ ପାଇଁ ଗଞ୍ଜାମର ୧୮ ଖେଳାଳିଙ୍କ ପାରାଦୀପ ଗସ୍ତ

ବ୍ରହ୍ମପୁର,୨୪।୯(ସ୍ୱାଧୀନ ଶେଖର ପାଢ଼ୀ)

ପାରାଦୀପରେ ହେବାକୁ ଥିବା ଆନ୍ତଃଜିଲା ୬୩ତମ ସିନିୟର୍ ଫୁଟବଲ ଚାମ୍ପିୟନଶିପ(ସାହାଣୀ କପ – ୨୦୨୪–୨୫)ରେ ଭାଗ ନେବା ନିମନ୍ତେ ଗଞ୍ଜାମ ଜିଲାର ୧୮ ଖେଳାଳି ଗସ୍ତ କରିଛନ୍ତି। ବୁଧବାର ଠାରୁ ଅକ୍ଟୋବର ୬ତାରିଖ ପର୍ଯ୍ୟନ୍ତ ଏହି ପ୍ରତିଯୋଗିତା ଚାଲୁ ରହିବ। ଖେଳାଳିମାନଙ୍କ ସହ ମ୍ୟାନେଜର ଅଭିମନ୍ୟୁ ବେହେରା ଓ କୋଚ ଭାବେ ରଞ୍ଜିତ କୁମାର ପାତ୍ର ଯାଇଥିବା ଗଞ୍ଜାମ ଜିଲା କ୍ରୀଡ଼ା ସଂସଦ ପକ୍ଷରୁ ସୂଚନା ଦିଆଯାଇଛି।

### ମେଡିକାଲରେ ବରିଷ୍ଠ ନାଗରିକଙ୍କୁ ଦୁର୍ବ୍ୟବହାର ଅଭିଯୋଗ

ବୁଗୁଡ଼ା,୨୪।୯(କାଳିଚରଣ ଦାଶ)

ବୁଗୁଡ଼ା ବଳଦେବ ସ୍ୱାମୀ ବରିଷ୍ଠ ନାଗରିକ ଟ୍ରଷ୍ଟ କର୍ମକର୍ତ୍ତାଙ୍କୁ ଜଣେ ମେଡିକାଲ ଅଫିସର ଦୁର୍ବ୍ୟହାର ପ୍ରଦର୍ଶନ କରିଥିବା ଅଭିଯୋଗ ହୋଇଛି। ବୁଗୁଡ଼ା ମେଡିକାଲରେ ଡାକ୍ତର ଅଭାବ ଲାଗି ରହିଥିବା ବେଳେ ଯେତେଜଣ ଡାକ୍ତର ଅଛନ୍ତି ସେମାନେ ମଧ୍ୟ ପାଳି କରି ମେଡିକାଲ ଆଉଟଡୋରରେ ରୋଗୀ ଦେଖୁଛନ୍ତି। ଫଳରେ ରୋଗୀ ହଇରାଣ ହେଉଛନ୍ତି। ବରିଷ୍ଠ ନାଗରିକଙ୍କ ପାଇଁ ସ୍ୱତନ୍ତ୍ର ଧାଡି ବ୍ୟବସ୍ଥା ନ ଥିବାରୁ ସେମାନେ ମଧ୍ୟ ଘଣ୍ଟା ଘଣ୍ଟା ଧରି ଧାଡିରେ ରହିବାକୁ ବାଧ୍ୟ ହେଉଛନ୍ତି। ଏହାର ସମାଧାନ ପାଇଁ ମଙ୍ଗଳବାର ବୁଗୁଡ଼ା ବରିଷ୍ଠ ନାଗରିକ ଟ୍ରଷ୍ଟ ଅଧ୍ୟକ୍ଷ ଗଙ୍ଗାଧର ବିଷୋୟୀ, ସମ୍ପାଦକ ଟି ସତ୍ୟନାରାୟଣ ପାତ୍ର, ସହ ସମ୍ପାଦକ ରବି ନାରାୟଣ ପଟ୍ଟନାୟକ, ଉଦୟନାଥ ଦଳ ବେହେରା, କୋଷାଧ୍ୟକ୍ଷ ଭିକାରୀ ଚରଣ ଜେନା, ରାଜେନ୍ଦ୍ର ରାଓ ଦୋରା, ଶ୍ୟାମବାବୁ ଆଚାରୀ ମେଡିକାଲ ଅଫିସରଙ୍କୁ ଭେଟି ଅଭିଯୋଗ ପତ୍ର ଦେଇଥିଲେ। ତେବେ ମେଡିକାଲ ଅଫିସର ସେମାନଙ୍କୁ ରୁକ୍ଷ ବ୍ୟବହାର ପ୍ରଦର୍ଶନ କରିବା ସହ ଅଭିଯୋଗ ପତ୍ର ଫୋପାଡ଼ି ଦେଇଥିବା ଟ୍ରଷ୍ଟ ପକ୍ଷରୁ ଅଭିଯୋଗ କରାଯାଇଛି। ଏନେଇ ସଂଘ ପକ୍ଷରୁ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କୁ ମଧ୍ୟ ଅବଗତ କରାଯାଇଛି।

# ଟାର୍ଗେଟରେ ଥିଲେ ଭବାନୀ, ହତ୍ୟାର ଶିକାର ହେଲେ ଶିବା

## ଯୁବକଙ୍କୁ ଘରୁ ଉଠାଇ ହତ୍ୟା ଘଟଣାରେ ୩ ଗିରଫ, ଖଣ୍ଡାକାତି ସହ ବାଇକ ଜବତ

ବ୍ରହ୍ମପୁର,୨୪।୯(ସୁବାସ ଚନ୍ଦ୍ର ପାଢ଼ୀ)

ଗଞ୍ଜାମ ଜିଲା ସଦର ଥାନା ଲାଞ୍ଜିଆ ଗ୍ରାମର ଜଣେ ଯୁବକଙ୍କୁ ଗତ ୧୬ ତାରିଖ ରାତିରେ ଘରୁ ଉଠାଇ ନେଇ ହତ୍ୟା କରାଯାଇଥିଲା। ଏହି ଘଟଣାରେ ପୋଲିସ ୩ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ଲାଞ୍ଜିଆର ସନ୍ତୋଷ ଗୌଡ଼ ଓରଫ ବାବୁ(୨୩), ସୁକାନ୍ତ ନାୟକ(୨୩) ଓ ତାଙ୍କ ସାନ ଭାଇ ଶିବା ନାୟକ (୨୧)। ପୋଲିସ ସେମାନଙ୍କ ନିକଟରୁ ଘଟଣାବେଳେ ବ୍ୟବହୃତ ଖଣ୍ଡା, କାତି, ୩ ବାଇକ ଓ ଲୁଚାଇ ରଖିଥିବା ରକ୍ତଭିଜା କପଡା ଜବତ କରିଛି। ଏହି ହତ୍ୟାକାଣ୍ଡ ଘଟଣାର ମାଷ୍ଟରମାଇଣ୍ଡ ଦୀପକ ସାହୁ ଓରଫ ମଣ୍ଟୁ ଓ ତାଙ୍କର କିଛି ସହଯୋଗୀ ଫେରାର ଅଛନ୍ତି। ସେମାନଙ୍କୁ ଖୁବଶୀଘ୍ର ଗିରଫ କରାଯିବ। ଗିରଫ ଅଭିଯୁକ୍ତଙ୍କୁ ଜେରା ବେଳେ ସେମାନେ ଶିବାଷିଶ ଚୌଧୁରୀଙ୍କୁ ସଂଘବଦ୍ଧ ଭାବେ ହତ୍ୟା କରିଥିବା ସ୍ୱୀକାର କରିଥିଲେ। ଉକ୍ତ ଥାନା ଅନ୍ତର୍ଗତ ଦକ୍ଷିଣପୁର ଗ୍ରାମରେ ନୀଳମାଧ ସାହୁ ଓରଫ ଭବାନୀ ଓ ଦୀପକ ସାହୁ ମଧ୍ୟରେ କିଛିବର୍ଷ ହେଲା ଗୋଷ୍ଠୀ ସଂଘର୍ଷ ଲାଗି ରହିଛି। ଗତ ଏପ୍ରିଲ ମାସରେ ଦୀପକ ସାହୁଙ୍କୁ ଭବାନୀ,ତାଙ୍କ ବାପା ଓ କିଛି ସହଯୋଗୀ ହତ୍ୟା ଉଦ୍ୟମ କରିଥିଲେ। ପୋଲିସ ନଂ.୧୭୭/୨୪ରେ ଏକ ମାମଲା ରୁଜୁ କରି ଭାବାନୀଙ୍କ ବାପା ସତ୍ୟନାରାୟଣ ସାହୁ ଓ ଭବାନୀଙ୍କ ଦୁଇ ସହଯୋଗୀଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଗତ ୧୬ ତାରିଖରେ ଭବାନୀ ଓ ସୀତାରମ ଗୌଡ଼ ହାଇକୋର୍ଟରୁ ଜାମିନ ପାଇଥିଲେ। ପୁଞ୍ଜିଭୂତ ଅଶାନ୍ତିରୁ ପୂର୍ବ ଆକ୍ରମଣର ପ୍ରତିଶୋଧ ସ୍ୱରୂପ ଭବାନୀଙ୍କୁ ହତ୍ୟା କରିବା ପାଇଁ ମହୁରୀ କାଲୁଆ ଛକରେ ଯୋଜନା କରିଥିଲେ। ପରେ ସେମାନେ ରାତି ପ୍ରାୟ ୧୧ଟାରେ ଭବାନୀ ଘରେ ଥିବା ଭାବି ସେଠାରେ ପହଞ୍ଚି ତାଙ୍କ ଘର କବାଟ ଭଙ୍ଗାରୁଜା କରିଥିଲେ। ସେଠାରେ ତାଙ୍କୁ ନ ପାଇ କ୍ରୋଧରେ ତାଙ୍କ ସାଙ୍ଗ ଶିବା ଘରକୁ ଆସି ଘର ଭିତରୁ ତାଙ୍କୁ ବଳପୂର୍ବକ ବାଇକରେ ବସାଇ ନେଇଥିଲେ। ବାଲିପଡା ଓ ଡେଙ୍ଗାପଦର ନିକଟରେ ତାଙ୍କୁ ଖଣ୍ଡା ଓ କାତିରେ ଆକ୍ରମଣ କରି ହତ୍ୟା କରିଥିଲେ। ପରେ ଏକ ବସ୍ତାରେ ଶିବାଙ୍କ ମୃତଦେହ ରଖି ଡେଙ୍ଗାପଦର କଡରେ ଥିବା ପୋଖରୀରେ ଫିଙ୍ଗି ଚମ୍ପଟ ମାରିଥିଲେ ବୋଲି ପୋଲିସକୁ ଅଭିଯୁକ୍ତମାନେ କହିଥିଲେ। ଏ ନେଇ ମଙ୍ଗଳବାର ପୋଲିସ ମୁଖ୍ୟାଳୟରୁ ଏକ ପ୍ରେସନୋଟ ଜରିଆରେ ସୂଚନା ଦିଆଯାଇଛି। ମାମଲା ନମ୍ବର ୨୯୬/୨୪ରେ ଉକ୍ତ ୩ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ଗତ ୧୭ ତାରିଖ ପୂର୍ବାହ୍ନରେ ଡେଙ୍ଗାପଦର ଗାଁ ନିକଟ ଏକ ପୋଖରୀରେ ଜଣେ ଯୁବକଙ୍କ ମୃତଦେହ ଭାସୁଥିବା ନେଇ ଖବର ମିଳିଥିଲା। ରାମକୃଷ୍ଣ ଚୌଧୁରୀ ସେଠାରେ ପହଞ୍ଚି ପୋଲିସ ଉପସ୍ଥିତିରେ ପୁଅର ମୃତଦେହ ଚିହ୍ନଟ କରିଥିଲେ। ପରେ ସେ ପୋଲିସ ନିକଟରେ ଗତରାତ୍ର ଘଟଣା ସମ୍ପର୍କରେ କହିବା ସହ ଯେଉଁମାନେ ତାଙ୍କ ପୁଅକୁ ଘରୁ ଡାକିନେଇଥିଲେ ସେମାନେ ହିଁ ତାଙ୍କ ପୁଅକୁ ହତ୍ୟା କରିଛନ୍ତି ବୋଲି ଅଭିଯୋଗ କରିଥିଲେ।

# ଖୁବ୍‌ଶୀଘ୍ର ନୂତନ ଜୁଡିସିଆଲ କମ୍ପ୍ଲେକ୍ସ ନିର୍ମାଣ ନିର୍ଦ୍ଦେଶ

ବ୍ରହ୍ମପୁର,୨୪।୯(ସୁବାସ ଚନ୍ଦ୍ର ପାଢ଼ୀ)

ଜିଲା ଜଜ ପରିସରରେ ନୂତନ ଜୁଡିସିଆଲ କମ୍ପ୍ଲେକ୍ସ ହେବ। ଏହି ନୂତନ କୋଠା ନିର୍ମାଣ ନେଇ ଗଞ୍ଜାମ ଓକିଲ ସଂଘର କର୍ମକର୍ତ୍ତା ମୁଖ୍ୟ ବିଚାରପତିଙ୍କୁ ଭେଟି ଆଲୋଚନା କରିବା ପରେ ଉପରୋକ୍ତ ନିଷ୍ପତ୍ତି ହୋଇଛି। ବ୍ରହ୍ମପୁର ଠାରେ ଏକ ମଡର୍ଣ୍ଣ ଜୁଡିସିଆଲ କମ୍ପ୍ଲେକ୍ସ ନିର୍ମାଣ ପାଇଁ ବହୁ ପୂର୍ବରୁ ମଞ୍ଜୁରୀ ମିଳିସାରିଛି। ଶତାଧିକ ବର୍ଷର ପୁରୁଣା ଓକିଲ ସଂଘ କାର୍ଯ୍ୟାଳୟ, ପାଠାଗାର, ପୁରୁଣା ଏସଡିଜେଏମ କୋଠା ଭଙ୍ଗାଯାଇ ସେହି ସ୍ଥାନରେ ଏହି କୋଠା ନିର୍ମାଣ ନିଷ୍ପତ୍ତି ହୋଇଥିଲା। ଏହି କମ୍ପ୍ଲେକ୍ସରେ ଆଖାପାଖ ଅଞ୍ଚଳର ସମସ୍ତ କୋର୍ଟକୁ ସ୍ଥାନ ଦିଆଯିବା ସହ ସେଠାରେ ଓକିଲ ସଂଘ କାର୍ଯ୍ୟାଳୟ, ପାଠାଗାର, ପୋଷ୍ଟ ଅଫିସ ଆଦି ରହିବ ବୋଲି କୁହାଯାଇଥିଲା। ନୂତନ କୋଠା ନିର୍ମାଣ ପାଇଁ ପୁରୁଣା ଏସଡିଜେଏମ କୋଠା ସହ ଓକିଲ ସଂଘ କାର୍ଯ୍ୟାଳୟ, ପାଠାଗାର ଭଙ୍ଗାଯିବାକୁ ସଂଘ ପକ୍ଷରୁ ନିଷ୍ପତ୍ତି ହୋଇଥିଲା । ସେହିକ୍ରମରେ କମ୍ପ୍ଲେକ୍ସ ନିର୍ମାଣ ହେବା ସ୍ଥାନରେ ଚ୍ୟାମ୍ବର ନିର୍ମାଣ କରିଥିବା ଆଇନଜୀବୀ ନିଜ ନିଜ ଚ୍ୟାମ୍ବର ଅନ୍ୟତ୍ର ସ୍ଥାନାନ୍ତର କରିଥିଲେ। ସେହିପରି ଆଇନଜୀବୀଙ୍କ ଦୈନନ୍ଦିନ କୋର୍ଟ କାର୍ଯ୍ୟ କରିବାକୁ ଏକ ଅସ୍ଥାୟୀ ସେଡ ମଧ୍ୟ ନିର୍ମାଣ କରାଯାଇଥିଲା । ହେଲେ ବହୁବର୍ଷ ପୁରୁଣା ସଂଘ କାର୍ଯ୍ୟାଳୟ ଓ ପାଠାଗାର ଭାଙ୍ଗିଲେ ଐତିହ୍ୟ ନଷ୍ଟ ହେବ ବୋଲି କିଛି ବରିଷ୍ଠ ଆଇନଜୀବୀ ମତ ଦେଇଥିଲେ । ସେହିକ୍ରମରେ ବ୍ରହ୍ମପୁର ଉପକଣ୍ଠ ଗୋଳନ୍ଥରା ଥାନା କୀର୍ତ୍ତିପୁର ଠାରେ ଏକ ନୂତନ ସ୍ଥାନରେ ଜୁଡିଆସିଲ କମ୍ପ୍ଲେକ୍ସ ନିର୍ମାଣ ପାଇଁ ପରବର୍ତ୍ତୀ ସମୟରେ ଆଲୋଚନା ହୋଇଥିଲା। ଯାହାକୁ ନେଇ ଆଇନଜୀବୀଙ୍କ ମଧ୍ୟରେ ଦ୍ୱନ୍ଦ୍ୱ ଉପୁଜିଥିଲା। ତେବେ ବର୍ତ୍ତମାନ ଓକିଲ ସଂଘର ସଭାପତି ନୟନଚନ୍ଦ୍ର ମହାପାତ୍ର, ସମ୍ପାଦକ ବିରଞ୍ଚି ନାରାୟଣ ମହାପାତ୍ରଙ୍କ ସମେତ ଅନ୍ୟ କର୍ମକର୍ତ୍ତା ପୁରୁଣା କୋର୍ଟ ପରିସରରେ ହିଁ କମ୍ପ୍ଲେକ୍ସ ନିର୍ମାଣ କରିବାକୁ ଜୋର ଦେଇଥିଲେ । ସଂଘର କର୍ମକର୍ତ୍ତାମାନେ ପୂର୍ବରୁ ଉଚ୍ଚ ନ୍ୟାୟାଳୟର ମୁଖ୍ୟ ବିଚାରପତିଙ୍କୁ ଭେଟି ଏ ନେଇ ଆଲୋଚନା କରିଥିଲେ। ମଙ୍ଗଳବାର ପୁଣିଥରେ ସଂଘର ଉପସଭାପତି ରାମପ୍ରସାଦ ପଣ୍ଡା, ସମ୍ପାଦକ ବିରଞ୍ଚି ନାରାୟଣ ମହାପାତ୍ର ଓ ସହ ସମ୍ପାଦକ ଗିରିଜା ଶଙ୍କର ବେହେରା, କାର୍ଯ୍ୟକାରୀ ସଦସ୍ୟ ମନୋଜ କୁମାର ନାୟକ, ବରିଷ୍ଠ ଆଇନଜୀବୀ ଶିଶିର ପାଢ଼ୀ, ଏସ.ରାମ କୁମାର, କୃଷ୍ଣପ୍ରସାଦ ସାହୁ, ରାଜ୍ୟ ଆଇନ ପରିଷଦର ସଦସ୍ୟ ପୀତବାସ ପଣ୍ଡା,ଅଶୋକ ଶୁକ୍ଳ, ରଘୁନାଥ ପ୍ରସାଦ ପାଣିଗ୍ରାହୀ, ରଞ୍ଜିତ ପଟ୍ଟନାୟକ ଓ ମଳୟ କୁମାର ଦାଶ ଉଚ୍ଚ ନ୍ୟାୟାଳୟର ମୁଖ୍ୟ ବିଚାରପତି ଜଷ୍ଟିସ ଚକ୍ରଧର ଶରଣ ସିଂ ଓ ଜଷ୍ଟିସ ସାବିତ୍ରୀ ରଥଙ୍କୁ ଭେଟି ଏହି କମ୍ପ୍ଲେକ୍ସ ବିଷୟରେ ଆଲୋଚନା କରିଥିଲେ । ଆଲୋଚନା ପରେ ମୁଖ୍ୟ ବିଚାରପତି ବ୍ରହ୍ମପୁରର ପୁରୁଣା କୋର୍ଟ ପରିସରରେ ହିଁ ଏହି ନୂତନ କୋଠା ତୁରନ୍ତ ନିର୍ମାଣ କରିବା ଦିଗରେ ପଦକ୍ଷେପ ନେବାକୁ କୋଠା ନିର୍ମାଣ କମିଟି ରେଜିଷ୍ଟ୍ରାରଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଜିଲା ଜଜଙ୍କ ସହ ଆଲୋଚନା କରି ନକ୍ସା ଦେଖି ନିର୍ମାଣ କାର୍ଯ୍ୟ ଆଗକୁ ବଢାଇବାକୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ଓକିଲ ସଂଘ ସଭାପତି ନୟନ ମହାପାତ୍ର କହିଛନ୍ତି ।



ଆଲୋଚନାରେ ଉପସ୍ଥିତ ଓକିଲ ସଂଘ କର୍ମକର୍ତ୍ତା।

# ରାଜ୍ୟସ୍ତରରେ ସୁନାମ ଅର୍ଜନ କରିବାକୁ ସ୍ୱେଚ୍ଛାସେବୀଙ୍କୁ ପରାମର୍ଶ

ବ୍ରହ୍ମପୁର,୨୪।୯(ସ୍ୱାଧୀନଶେଖରପାଢ଼ୀ)

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଏନଏସଏସ ବ୍ୟୁରୋ ପକ୍ଷରୁ ମଙ୍ଗଳବାର ଜାତୀୟ ସେବା ଯୋଜନାର ୫୫ ତମ ପ୍ରତିଷ୍ଠା ନୂତନ ସମ୍ମିଳନୀ କକ୍ଷରେ ଏନଏସଏସ ବ୍ୟୁରୋ ସଂଯୋଜକ ଡଃ. ଜୟନ୍ତ କୁମାର ପଣ୍ଡାଙ୍କ ନେତୃତ୍ୱରେ ହୋଇଥିଲା। ମୁଖ୍ୟ ଅତିଥି କୁଳସଚିବ ସଚ୍ଚିଦନନ୍ଦ ନାୟକ ଯୋଗ ଦେଇ ସ୍ୱେଚ୍ଛାସେବୀ ଙ୍କୁ ଉତ୍ସାହିତ କରିଥିଲେ। ସମ୍ମାନନୀୟ ଅତିଥି ଭାବେ ରାଜ୍ୟ ଏନଏସଏସ ଅଧିକାରୀ ତଥା ଉଚ୍ଚ ଶିକ୍ଷା ବିଭାଗର ଉପଶାସନ ସଚିବ ଡଃ. ରମେଶ ଚନ୍ଦ୍ର ବେହେରା ଯୋଗ ଦେଇ ରାଜ୍ୟ ସ୍ତରରେ ସୁନାମ ଅର୍ଜନ କରିବାକୁ ପରାମର୍ଶ ଦେଇଥିଲେ। ପିଜି କାଉନସିଲ ଅଧ୍ୟକ୍ଷ ପ୍ରଫେସର ସୁକାନ୍ତ କୁମାର ତ୍ରିପାଠୀ ମଞ୍ଚାସିନ ଥିଲେ। ୨୧ ସ୍ୱେଚ୍ଛାସେବୀ ଓ କାର୍ଯ୍ୟକ୍ରମ ଅଧିକାରୀଙ୍କୁ ୨୦୨୩–୨୪ ବର୍ଷର ଉତ୍କୃଷ୍ଟ ସେବା ପାଇଁ ପୁରସ୍କୃତ କରାଯାଇଥିଲା। ଗଜପତି ଜିଲାର ଇନ୍ଦିରା ସ୍ମାରକୀ ସ୍ନାତକ ମହାବିଦ୍ୟାଳୟ, ଚାନ୍ଦିପୁଟ, ଶ୍ରୀରାମ ସ୍ନାତକ ମହାବିଦ୍ୟାଳୟ, କାଶିନଗର ଏବଂ ଗଞ୍ଜାମ ଜିଲାର ଶ୍ରୀଭରତ ପତି ମହାବିଦ୍ୟାଳୟ, ସାମନ୍ତିଆପଲ୍ଲୀକୁ ଶ୍ରେଷ୍ଠ ଏନଏସଏସ ୟୁନିଟ ଭାବେ ପୁରସ୍କୃତ କରାଯାଇଛି। ପାରଳା ମହାରାଜା ଯାନ୍ତ୍ରିକ ମହାବିଦ୍ୟାଳୟ, ଶୀଳତାପଲ୍ଲୀକୁ ଶ୍ରେଷ୍ଠ ରକ୍ତଦାନ ୟୁନିଟ ଓ ବୃକ୍ଷ ରୋପଣ ପାଇଁ ଆଞ୍ଚଳିକ ସ୍ନାତକ ମହାବିଦ୍ୟାଳୟ ଜଗନ୍ନାଥ ପ୍ରସାଦ ଏନଏସଏସ ୟୁନିଟକୁ ପୁରସ୍କୃତ କରାଯାଇଛି। କାର୍ଯ୍ୟକ୍ରମ ଅଧିକାରୀ ଭାବେ ବ୍ରହ୍ମପୁର ସିଟି କଲେଜର ଡଃ ସସ୍ମିତା କୁମାରୀ ପଟ୍ଟନାୟକ, ପାରଳା ମହାରାଜା ଯାନ୍ତ୍ରିକ ମହାବିଦ୍ୟାଳୟ, ଶୀଳତାପଲ୍ଲୀର ଡଃ ରାନୁମୟୀ ସିଂ, ଏନଏସବି ମହାବିଦ୍ୟାଳୟ ନୂଆପଡାର ସରୋଜ କୁମାର ଦାସ, ରୁଷିକୁଲ୍ୟା ସ୍ନାତକ ମହାବିଦ୍ୟାଳୟର ଡଃ ହୃଷୀକେଷ ମିଶ୍ର ଏବଂ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ପରିଷଦର ଡଃ ଶଙ୍କର୍ଷଣ ମଲିକଙ୍କୁ ପୁରସ୍କୃତ କରାଯାଇଥିଲା। ଶ୍ରେଷ୍ଠ ଜିଲା କାର୍ଯ୍ୟକ୍ରମ ଅଧିକାରୀଭାବେ ଗଜପତି ଜିଲା ପାଇଁ ଡଃ ସନ୍ନ୍ୟାସୀ ବେହେରା, କନ୍ଧମାଳ ଜିଲାର ଡଃ ନଳିନୀ କୁମାର ପାଣିଗ୍ରାହୀ ଓ ଗଞ୍ଜାମ ଜିଲାର ଗଣେଷ ସାହୁଙ୍କୁ ପୁରସ୍କୃତ କରାଯାଇଥିଲା। ଏନଏସଏସ ବ୍ୟୁରୋ ପକ୍ଷରୁ ଶ୍ରେଷ୍ଠ ପ୍ରଦର୍ଶନ ପାଇଁ ବିଭାଗୀୟ ଅଧିକାରୀ ସୁଶାନ୍ତ କୁମାର ସାହୁ, ସରୀପା କୁମାର ପ୍ରଧାନ, ବିଜୟ ଲକ୍ଷ୍ମୀ ନାୟକ, ସୌମ୍ୟଶ୍ରୀ ସାହୁଙ୍କୁ ପୁରସ୍କୃତ କରାଯାଇଥିଲା। ପରିବେଶ ଓ ବନ୍ୟଜନ୍ତୁ ସୁରକ୍ଷା କ୍ଷେତ୍ରରେ ବିଶେଷ ଅବଦାନ ପାଇଁ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପ୍ରାଣୀବିଜ୍ଞାନ ବିଭାଗରେ ଗବେଷକ ସମୀର ସୁରାଙ୍କୁ ପୁରସ୍କୃତ କରାଯାଇଥିଲା। ଜିଲା କାର୍ଯ୍ୟକ୍ରମ ଅଧିକାରୀ ଗଣେଷ ସାହୁ ଧନ୍ୟବାଦ ଦେଇଥିଲେ।




ଅତିଥିଙ୍କ ଗହଣରେ ପୁରସ୍କୃତ ସ୍ୱେଚ୍ଛାସେବୀ।

# କୃପାମୟ ଅନଙ୍ଗ ଭୀମଦେବଙ୍କ ତିରୋଧାନ ଦିବସ



କାର୍ଯ୍ୟକ୍ରମରେ ଉପସ୍ଥିତ ବକ୍ତାଗଣ।

ବ୍ରହ୍ମପୁର,୨୪।୯(ସ୍ମୃତି ରଞ୍ଜନ ମହାଲିକ)

ବଡଖେମୁଣ୍ଡିର ରାଜା ସାହେବ ଗଜପତି କୃପାମୟ ଅନଙ୍ଗ ଭୀମଦେବଙ୍କ ୧୦୨ତମ ତିରୋଧାନ ଦିବସ ଉତ୍କଳ ଆଶ୍ରମ ନ୍ୟାସ ଆନୁକୁଲ୍ୟରେ ମଙ୍ଗଳବାର ପାଳିତ ହୋଇଯାଇଛି। ନ୍ୟାସର ସଂପାଦକ ଡ ସିଦ୍ଧାର୍ଥ ଶଙ୍କର ପାଢି ଏଥିରେ ସଭାପତିତ୍ୱ କରିଥିଲେ। ଗଞ୍ଜାମ ସଂସ୍କୃତିର ବିଶିଷ୍ଟ ଗବେଷକ ଡ ଅନନ୍ତରାମ କର ମୁଖ୍ୟବକ୍ତା ରୂପେ ଯୋଗ ଦେଇ ଓଡିଆ ଜାତିର ଅସ୍ମିତା ନିର୍ମାଣରେ ବଡ ଖେମୁଣ୍ଡି ରାଜା ଗଜପତି କୃପାମୟ ଅନଙ୍ଗ ଭୀମଦେବଙ୍କ ଭୂମିକା ଓ ଉତ୍କଳ ଆଶ୍ରମ ସ୍ଥାପନରେ ଆର୍ଥିକ ପୃଷ୍ଠପୋଷକତା ସଂପର୍କରେ କହିଥିଲେ। କୃଷ୍ଣ ଲୀଳା ଗୁରୁ ପଦ୍ମଶ୍ରୀ ଗୋପିନାଥ ସ୍ୱାଇଁଙ୍କୁ ୨୦୨୩ ନିମନ୍ତେ କୃପାମୟ ଅନଙ୍ଗ ଭୀମଦେବ ସ୍ମୃତି ସମ୍ମାନ, ଲୋକ ସଂସ୍କୃତି ଗବେଷକ ଡ ଲମ୍ବୋଦ ପାଣିଗ୍ରାହୀଙ୍କୁ ଚଳିତ ବର୍ଷ ପାଇଁ ଅନଙ୍ଗ ଭୀମଦେବ ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଥିଲା। ଡ କୃଷ୍ଣ ପ୍ରସାଦ ମହାପାତ୍ର ଓ ଡ ସଞ୍ଜୟ କୁମାର ପଣ୍ଡା ପ୍ରଶସ୍ତି ପାଠ କରିଥିଲେ। ବଡ ଖେମୁଣ୍ଡି ରାଜ ପରିବାରର ମୋହନ ପ୍ରସାଦ ଦେବ, ସୁଶାନ୍ତ ପ୍ରସାଦ ଦେବ, କିଶୋର ପ୍ରସାଦ ଦେବ, ସିଦ୍ଧାନ୍ତ ଗଙ୍ଗଦେବ ଉପସ୍ଥିତ ରହି ସ୍ମୃତି ଚାରଣ କରିଥିଲେ। ବଡଗଡ ରାଜ ପରିବାରର କୃଷ୍ଣ ସିଂହ ସ୍ୱାଗତ ଭାଷଣ, ଡ ହୃଷୀକେଶ ପଣ୍ଡା ଅତିଥି ପରିଚୟ ଓ ଡ କୁଳମଣି ଓଝା ଅନଙ୍ଗ ଭୀମ ଦେବଙ୍କ ରଚିତ ଓଡିଶୀ ସଂଗୀତ ପରିବେଷଣ କରିଥିଲେ। ଡ. ବନମାଳୀ ପାଣିଗ୍ରାହୀ ଧନ୍ୟବାଦ ଦେଇଥିଲେ।

### ରାଜସ୍ୱ ନିରୀକ୍ଷକଙ୍କୁ ମୋରମ ବ୍ୟବସାୟଙ୍କ ଆକ୍ରମଣ

ବ୍ରହ୍ମପୁର, ୨୪।୯(ସୁବାସ ଚନ୍ଦ୍ର ପାଢ଼ୀ)

କୁକୁଡାଖଣ୍ଡି ତହସିଲ ଅଧୀନ ବାଘଲଟି ଠାରେ ମୋରମ ଚୋରା ଚାଲାଣ ହେଉଥିବା ନେଇ ତହସିଲଦାରଙ୍କୁ ଖବର ମିଳିଥିଲା। ତହସିଲଦାରଙ୍କ ନିର୍ଦ୍ଦେଶରେ ଲାଠୀ ରାଜସ୍ୱ ନିରୀକ୍ଷକ ବି.ସୁରଜ କୁମାର ଘଟଣା ସ୍ଥଳରେ ପହଁଚି ଅନୁସନ୍ଧାନ କରି ନିଜ ମୋବାଇଲରେ ଭିଡିଓ ଉତ୍ତୋଳନ କରୁଥିଲେ। ସେହି ସମୟରେ କିଛି ମୋରମ ବ୍ୟବସାୟୀ ରାଜସ୍ୱ ନିରୀକ୍ଷକଙ୍କୁ ଭିଡିଓ କରିବାକୁ ମନା କରିଥିଲେ । କିନ୍ତୁ ଆରଆଇ ଭିଡିଓ ଜାରି ରଖିଥିଲେ। ଏଥିରେ ଉତକ୍ଷିପ୍ତ ହୋଇ ମାଫିଆ ଗୋଷ୍ଠୀ ଆରଆଇଙ୍କ ପକେଟରୁ ମୋବାଇଲ ଛଡ଼ାଇ ନେବା ସହ ତାଙ୍କୁ ଆକ୍ରମଣ କରିଥିଲେ । ସମ୍ପୃକ୍ତ ଆରଆଇ ଏନେଇ ଗୋଳନ୍ଥରା ଥାନାରେ ଏତଲା ଦେଇଛନ୍ତି। କିଛି ଦିନ ତଳେ ଉକ୍ତ ଲାଠି ଆରଆଇ ସର୍କଲର ମହୁଡା ଗ୍ରାମ ନିକଟରେ ଏକ କ୍ରସରର ପ୍ରଦୂଷଣ ସାର୍ଟିଫିକେଟ ନଥିବା ରୁ ଜିଲାପାଳଙ୍କ ନିର୍ଦ୍ଦେଶ ଅନୁଯାଇ ତାହାକୁ ତହସିଲଦାର ସିଲ କରି ଦେଇଥିଲେ।

# ଓଡ଼ିଆ ଭାଷା ଆନ୍ଦୋଳନ ପକ୍ଷରୁ ଆରଡିସି କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ



ଆରଡିସି କାର୍ଯ୍ୟାଳୟ ସମ୍ମୁଖରେ ସଂଘର ବିକ୍ଷୋଭ।

ବ୍ରହ୍ମପୁର,୨୪।୯(ସ୍ମୃତି ରଞ୍ଜନ ମହାଲିକ)

ଓଡିଆ ଭାଷା ଆନ୍ଦୋଳନ ବ୍ରହ୍ମପୁର ଶାଖା ପକ୍ଷରୁ ବିଭିନ୍ନ ଦାବି ସମୂହକୁ ନେଇ ମଙ୍ଗଳବାର ଦକ୍ଷିଣାଚଂଳ ରାଜସ୍ୱ କମିଶନର (ଆରଡିସି)ଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ ସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଆରଡିସିଙ୍କୁ ଏକ ଦାବି ପତ୍ର ପ୍ରଦାନ କରାଯାଇଛି। ଦାବି ପତ୍ରରେ ଉଲ୍ଲେଖ ରହିଛି ଯେ, ସରକାରୀ କାର୍ଯ୍ୟାଳୟରେ ସମସ୍ତ ଚିଠି, ବିଜ୍ଞାପନ ଓ ନିର୍ଦ୍ଦେଶନାମା ଓଡିଆ ଭାଷାରେ ସଂପାଦନ, ନିୟମ ଉଲଂଘନକାରୀଙ୍କୁ କଠୋର ଦଣ୍ଡ ବିଧାନ, ବ୍ୟବସାୟ ପ୍ରତିଷ୍ଠାନ, ସମସ୍ତ ବସ, ବ୍ୟବସାୟ ଭିତ୍ତିକ ବ୍ୟାଗରେ ଓଡିଆ ଭାଷାରେ ନାମ ଛପା, ସରକାରୀ କର୍ମଚାରୀ ଓ ରାଜନେତାମାନେ ନିଜର ସନ୍ତାନଙ୍କୁ ସରକାରୀ ସ୍କୁଲରେ ପଢାଇବା ନେଇ ଆଇନ ପ୍ରଣୟନ, ଭାଷାର ବିକାଶ ଓ ଅସ୍ମିତା ପାଇଁ ପ୍ରଚାର ପତ୍ର ଏବଂ ନିମନ୍ତ୍ରଣ ପତ୍ରରେ ଓଡିଆ ଭାଷା ଲିଖନ ଓ ଇଂରାଜୀ ନାମ ଫଳକକୁ ଓଡିଆରେ କରିବା ପାଇଁ କମିଟି ଦାବି କରିଛି। ଦାବିପତ୍ର ପ୍ରଦାନ ସମୟରେ ସଂଘର ସଭାପତି ତ୍ରିନାଥ ମହାରଣାଙ୍କ ସମେତ ଅଶୋକ କୁମାର ଦଳାଇ, ରବିନ୍ଦ୍ର କୁମାର ସାହୁ, ଏସ ଶାମ୍ଭଶିବ ରାଓ, ଦେବରାଜ ସାହୁ ଓ ଆଇନଜୀବୀ ପ୍ରତାପ ଚନ୍ଦ୍ର ଦାଶଙ୍କ ସମେତ ସଂଘର ବହୁ ସଦସ୍ୟ ଉପସ୍ଥିତ ଥିଲେ।

# ପ୍ରୟୋଗଶାଳା ପରିସରରେ ନିର୍ମାଣକୁ ବିରୋଧ

ବ୍ରହ୍ମପୁର,୨୪।୯(ସ୍ୱାଧୀନଶେଖରପାଢ଼ୀ)

ବ୍ରହ୍ମପୁର ଉପକଣ୍ଠ ଜୁରା ରାମନାରାୟଣ ଡିଗ୍ରୀ କଲେଜ ବିଦ୍ୟାର୍ଥୀମାନେ ପ୍ରୟୋଗଶାଳା ପରିସରରେ ନିର୍ମାଣ କାର୍ଯ୍ୟକୁ ବିରୋଧ କରିଛନ୍ତି। ଏନେଇ ସୋମବାର ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ଅଭିଯୋଗ ଶୁଣାଣି ଶିବିରରେ ଡେପୁଟି କଲେକ୍ଟର କସ୍ତୁରୀ ସ୍ୱାଇଁଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ବିଦ୍ୟାର୍ଥୀଙ୍କ ଅଭିଯୋଗ ଅନୁଯାୟୀ କଲେଜ ପରିସରରେ ରହିଥିବା ପ୍ରାଣୀ ବିଜ୍ଞାନ ଲାବୋରେଟାରୀ ଭିତରେ ଆଉ ଏକ କୋଠରୀ ନିର୍ମାଣ କରାଯାଇଛି। ଫଳରେ ଲାବୋରେଟାରୀର ଗୋଟିଏ କବାଟ ଓ ଝରକା ବନ୍ଦ ହୋଇଯାଇଛି। ପ୍ରାକ୍ଟିକାଲ କାର୍ଯ୍ୟ ସମୟରେ ଯଥେଷ୍ଟ ଆଲୋକ ଓ ବାୟୁ ଚଳାଚଳ ହୋଇପାରୁନାହିଁ। ଲାବରୋଟରୀ ପରିସରରେ ମୃତ ଜୀବଜନ୍ତୁ ସଂରକ୍ଷିତ ଥିବାରୁ ବାୟୁ ଚଳାଚଳ ଅସୁବିଧା ହେଉଛି। ପ୍ରାକ୍ଟିକାଲ ସମୟରେ କୌଣସି ଦୁର୍ଘଟଣା ହେଲେ ଜରୁରୀକାଳୀନ ପ୍ରସ୍ଥାନ ପାଇଁ ଦ୍ୱିତୀୟ ଦ୍ୱାର ନିହାତି ଆବଶ୍ୟକ ରହିଥାଏ। କିନ୍ତୁ ଏବେ ଦ୍ୱିତୀୟ ଦ୍ୱାର ଓ ଦ୍ୱିତୀୟ ଝରକା ବନ୍ଦ କରିଦିଆଯାଇଛି। ଫଳରେ ପ୍ରାକ୍ଟିକାଲ ସମୟରେ ବିଦ୍ୟାର୍ଥୀମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏନେଇ ନିର୍ମାଣ ଆରମ୍ଭରୁ ବିଦ୍ୟାର୍ଥୀମାନେ ଅଧ୍ୟକ୍ଷଙ୍କୁ ଜଣାଇଥିଲେ ବି ପଦକ୍ଷେପ ନିଆଯାଇନାହିଁ ବୋଲି ଅଭିଯୋଗ ପତ୍ରରେ ଉଲ୍ଲେଖ ରହିଛି। ଜିଲାପାଳଙ୍କୁ ଏଥିନେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିବେଦନ କରାଯାଇଛି। ଅଭିଯୋଗ ନେଇ ଅଧ୍ୟକ୍ଷ ଡକ୍ଟର ପିନାକୀ ମହାନ୍ତି କୁହନ୍ତି ଡେପୁଟି କଲେକ୍ଟର ଛାତ୍ରଙ୍କ ଅଭିଯୋଗ ସମ୍ପର୍କରେ ତାଙ୍କ ସହ ଆଲୋଚନା କରିଥିବା ପ୍ରକାଶ କରିଛନ୍ତି।

### ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟରେ ଅଗ୍ନି ନିରାପତ୍ତା ଅଭିମୁଖୀକରଣ କାର୍ଯ୍ୟକ୍ରମ

ବ୍ରହ୍ମପୁର, ୨୪।୯(ସ୍ୱାଧୀନ ଶେଖର ପାଢ଼ୀ)

ସ୍ଥାନୀୟ ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟରେ ମଙ୍ଗଳବାର ବ୍ରହ୍ମପୁର ଅଗ୍ନିଶମ ବିଭାଗ ପକ୍ଷରୁ ଏକ ଅଭିମୁଖୀକରଣ କାର୍ଯ୍ୟକ୍ରମ ହୋଇଯାଇଛି। କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶଙ୍କ ଆବାହକତ୍ୱରେ ଓ ସ୍ନାତକୋତ୍ତର ବିଭାଗ ସମୂହର ଅଧ୍ୟକ୍ଷ ପ୍ରଫେସର ପଦ୍ମିନୀ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅଗ୍ନିଶମ କେନ୍ଦ୍ରାଧିକାରୀ ସୁଶାନ୍ତ କୁମାର ମହାପାତ୍ର, ମୁଖ୍ୟ ଅଗ୍ନିକ ମୁକ୍ତିକାନ୍ତ ନାୟକ, ବିଶ୍ୱବିଦ୍ୟାଳୟର ବରିଷ୍ଠ ପ୍ରାଧ୍ୟାପକ ତଥା ଭୂତତ୍ତ୍ୱ ବିଭାଗ ମୁଖ୍ୟ ଡ. ଦୀପକ କୁମାର ମିଶ୍ର ଓ ସମର ଶିକ୍ଷାର୍ଥୀ ବାହିନୀ କାର୍ଯ୍ୟାଧିକାରୀ ତଥା ଦର୍ଶନ ବିଭାଗ ମୁଖ୍ୟ ଡ. ଯତୀନ ବିଷୋୟୀ ମଂଚାସୀନ ଥିଲେ। ଏହି କାର୍ଯ୍ୟକ୍ରମକୁ ଡ. ମନୋରଞ୍ଜନ ବିଷୋୟୀ ସଂଯୋଜନା କରିଥିଲେ। ଅଗ୍ନିଜନିତ ଭୟାବହତା ତଥା ତା'ର ନିରାପତ୍ତା ସମ୍ପର୍କରେ କୁହାଯାଇଥିଲା। ସମର ଶିକ୍ଷାର୍ଥୀ ବାହିନୀ ଛାତ୍ରୀଛାତ୍ର ଏଥିରେ ସହଯୋଗ କରିଥିଲେ। ବିଶ୍ୱବିଦ୍ୟାଳୟ କୁଳସଚିବଙ୍କ ସମେତ ପରୀକ୍ଷା ନିୟନ୍ତ୍ରକ ଡ. ମନୋଜ କୁମାର ପଟ୍ଟନାୟକ, ଡ. ଉଷାରାଣୀ ରଥ, ଡ. ବିଭୁ ପ୍ରସାଦ ସାହୁ, ଡ. ଦୀପିକା ସେଠି,ଡ. ରଶ୍ମିତା ପଣ୍ଡା, ଶ୍ରୀମତୀ କାବେରୀ ପାଢ଼ୀ, ପିଙ୍କୁ କୁମାର ସାହୁ, ଭି. ସ୍ନେହା, ନୟନିକା ମହାପାତ୍ର, ସୁହାସିନୀ ବିଶ୍ୱାଳ, ଗୋପାଳ କୃଷ୍ଣ ଦାଶ, ସଙ୍ଗମ ପ୍ରଧାନ,ଗୋପାଳ କୃଷ୍ଣ ସାହୁ , ଲିପୁନ ସାହୁ ଭଳି ବହୁ ଅଧ୍ୟାପକ ଓ ଅଧ୍ୟାପିକାଙ୍କ ସମେତ କାର୍ଯ୍ୟାଳୟ କର୍ମଚାରୀ ତାରିଣୀ ବେହେରା, ବିଷ୍ଣୁ ପାତ୍ର, ନିହାରିକା ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ଝଲସିବ ୬୦ ଫୁଟର ତୋରଣ

ବ୍ରହ୍ମପୁର,୨୪।୯(ସ୍ମୃତି ରଞ୍ଜନ ମହାଲିକ)

କମାପଲୀ ବ୍ୟବସାୟୀ ସଂଘ ଦୁର୍ଗା ପୂଜା କମିଟି ଚଳିତ ବର୍ଷ ୬୧ ବର୍ଷରେ ପଦାର୍ପଣ କରୁଛି। ୧୯୬୩ରୁ ଆରମ୍ଭ ହୋଇଥିବା ଦୁର୍ଗା ପୂଜାକୁ କମିଟି ପକ୍ଷରୁ ପ୍ରତି ବର୍ଷ ଧୂମଧାମରେ ପାଳନ କରାଯାଉଛି। ଚଳିତ ବର୍ଷ ଖଡଗପୁରର ଏକ ଦୁର୍ଗା ମନ୍ଦିର ତୋରଣରେ ମା' ପୂଜା ପାଇବେ। ଯାହାକୁ କମାପଲୀର ଟେଣ୍ଟ କାରିଗର ସନ୍ତୋଷ ପାତ୍ର ଢେଙ୍କାନାଳର କାରିଗରଙ୍କ ଦ୍ୱାରା ନିର୍ମାଣ କରିବେ। ଯାହାର ଉଚ୍ଚତା ୬୦ ଫୁଟ ରହିବ। ଯାହାକି ସୁସଜ୍ଜିତ ହୋଇ ଝଲସି ଉଠିବ। ଏଥିରେ ୨୦ରୁ ୩୦ କାରିଗର ନିୟୋଜିତ ରହିବେ। ମା'ଙ୍କ ମୂର୍ତ୍ତି ପାର୍ଶ୍ୱରେ ଲକ୍ଷ୍ମୀ ଓ ସରସ୍ୱତୀ ପୂଜା ପାଇବେ। ମା'ଙ୍କ ମେଢ ପ୍ରଭା, ସୋଲ ଓ ଜରିରେ ନିର୍ମିତ ଅଳଙ୍କାରରେ ସଜିତ କରାଯିବ। କଟକ କାରିଗରଙ୍କ ଦ୍ୱାରା ମୂର୍ତ୍ତି ନିର୍ମାଣ ହେଉଛି। ମୂର୍ତ୍ତିର ଉଚ୍ଚତା ୧୨ ଫୁଟ ରହିଛି। ଏଥର ପ୍ରାୟ ୪ ଲକ୍ଷ ଟଙ୍କା ବଜେଟ ରଖାଯାଇଛି। ବଦାନ୍ୟ ବ୍ୟକ୍ତିମାନେ ମଧ୍ୟ ପୂଜା କାର୍ଯ୍ୟରେ ସହଯୋଗ କରୁଛନ୍ତି। ମା'ଙ୍କ ନିର୍ମିତ ହେବାକୁ ଥିବା ସୁଉଚ୍ଚ ତୋରଣ। ନିକଟରେ ଭକ୍ତଙ୍କ ନିମନ୍ତେ ଅନ୍ନ ଯଜ୍ଞ ଅନୁଷ୍ଠିତ ହେବ। ପ୍ରଶାସନିକ ନିୟମ ଓ ପରିବେଶ ସୁରକ୍ଷାକୁ ଦୃଷ୍ଟିରେ ରଖି ମୂର୍ତ୍ତି କାରୁକାର୍ଯ୍ୟରେ ପ୍ରାକୃତିକ ରଙ୍ଗ ବ୍ୟବହୃତ ହୋଇଛି। ଆସନ୍ତା ୨ ତାରିଖରେ ବିଲ୍ୱାଧିବାଶ ପରେ ମା'ଙ୍କର ପୂଜା ଆରମ୍ଭ ହେବ। ଆସନ୍ତା ୧୨ ତାରିଖରେ ପୂର୍ଣ୍ଣାହୂତି ଦିଆଯିବ। ପ୍ରଶାସନିକ କଟକଣାକୁ ସହମତି ଜଣାଇ ସାଂସ୍କୃତିକ କାର୍ଯ୍ୟ କରାଯିବ ନାହିଁ। ବିସର୍ଜନ ସମୟରେ ଶଙ୍ଖ ଓ ଘଣ୍ଟ ବାଦ୍ୟ କରାଯିବ। ଗୁରୁନାଥ ପାଣିଗ୍ରାହୀ ଓ ତାରିଣୀ ଚରଣ ପାତ୍ର କର୍ତ୍ତା ଭାବେ ପୂଜା କାର୍ଯ୍ୟ କରିବେ। କମିଟି ସଭାପତି ଗଙ୍ଗାଧର ପାତ୍ର, ଉପସଭାପତି ସୀମାଚଂଳ ବେହେରା, ସଂପାଦକ ରାମକୃଷ୍ଣ ମହାରଣାଙ୍କ ସମେତ ସୂର୍ଯ୍ୟ ମହାନ୍ତି, ରବି ପାଢି, ସନ୍ତୋଷ ଶତପଥୀ, ଶଙ୍କର୍ଷଣ ଚୌଧୁରୀ ଓ କମିଟିର ସମସ୍ତ ସଦସ୍ୟ ପରିଚାଳନାରେ ସହଯୋଗ କରୁଛନ୍ତି।

**ବିରାଜିବେ ମା**



### ଶୃଙ୍ଖଳିତ ଦର୍ଶନକୁ ପ୍ରାଧାନ୍ୟ



ସ୍ଥାନୀୟ ବ୍ୟବସାୟୀ ସମେତ ବଦାନ୍ୟ ବ୍ୟକ୍ତିଙ୍କ ସହଯୋଗରେ ପୂଜା କାର୍ଯ୍ୟ ହୋଇ ଆସୁଛି। ସର୍ବସାଧାରଣଙ୍କ ଦର୍ଶନ ନିମନ୍ତେ ସୁରକ୍ଷା ବ୍ୟବସ୍ଥା କରାଯାଇଛି। ଶୃଙ୍ଖଳିତ ଦର୍ଶନକୁ ପ୍ରାଧାନ୍ୟ ଦିଆଯିବ। ପୋଲିସ ସୁରକ୍ଷା ବ୍ୟବସ୍ଥା ଓ କମିଟି ସଦସ୍ୟମାନେ ସ୍ୱେଚ୍ଛାସେବୀ ରୂପେ ପୂଜାରେ ନିୟୋଜିତ ରହିବେ। ପୂଜାକୁ ଆକର୍ଷଣୀୟ କରାଯିବାକୁ ଉଦ୍ୟମ ଜାରି ରହିଛି ।

**ସୋମନାଥ ପାଢି**, ଉପଦେଷ୍ଟା

